# ଶ୍ରୀକ୍ଷେତ୍ର ସିଟି

୭/୧/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୧୦,୨୧୬/- ସୁନା: ୦୧.୩୫୦ ଗ୍ରାମ୍ ରୁପା: ୧୦୯.୦୦୦ ଗ୍ରାମ୍



## ଭିତରକାଠରେ ବାନ୍ତି

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୭।୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଛି।

ବୁଧବାର ଭୋର ୫ଟା ୨୦ରେ ଦ୍ୱାର ଫିଟିଥିଲା। ୬ଟା ୫ରେ ମଙ୍ଗଳ ଆଳତି ଓ ସକାଳ ୭ଟା ୨୦ରେ ଅବକାଶ ପୂଜା ସରିବା ଅନ୍ୟାନ୍ୟ ନୀତିକାନ୍ତି ଚାଲିଥିଲା। ସକାଳ ୯ଟା ୫୦ରେ ଗୋପାଳ ବଲ୍ଲଭ ଓ ପହିଲି ଭୋଗ ପୂଜା ବଢିଥିଲା ବେଳେ ପୂର୍ବାହ୍ନ ୧୧ଟା ୨୫ରେ ସକାଳ ଧୂପ ଶେଷ ହୋଇଥିଲା। ଏହାପରେ ଭକ୍ତମାନେ ଭିତରକାଠକୁ ଯାଇ ଦର୍ଶନ କରୁଥିଲେ। ଏହି ସମୟରେ କେହି ଜଣେ ଭକ୍ତ ଭିତରକଠାରେ ବାନ୍ତି କରିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡିଥିଲା। ଅପରାହ୍ନ ୧ଟା ୩୫ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୧ଟା ୪୫ରେ ମହାସ୍ନାନ ପୂଜା ବଢିବା ପରେ ଯେଉଁଠାରେ ନୀତି ଅଟକା ଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୭।୧(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ବୁଧବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ହୋଇଥିଲା। ଜଣେ ଭକ୍ତ ଭିତରକାଠାରେ ବାନ୍ତି କରିଦେବାରୁ ଏହି ସ୍ୱତନ୍ତ୍ର ନୀତି ସମ୍ପନ୍ନ କରାଯାଇଥିଲା। ଏଥିପାଇଁ ନୀତିରେ ପ୍ରାୟ ଦେଢଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବ ହୋଇଥିଲା। ସନ୍ଧ୍ୟା ୬ଟା ୧୫ରେ ଦ୍ୱିପ୍ରହର ଧୂପ ସରି ମଇଲମ, ତଡ଼ପଲାଗି ହୋଇ ସନ୍ଧ୍ୟା ୭ଟା ୫ରେ ପହୁଡ଼ ଆଳତି କରାଯାଇଥିଲା। ଏହାପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

### ନୂଆବର୍ଷର ପ୍ରଥମ ଅପରାଧ ସମୀକ୍ଷା ବୈଠକରେ ଏସ୍‌ପିଙ୍କ ନିର୍ଦ୍ଦେଶ

# 'ସମ୍ବେଦନଶୀଳ ହୁଅ, ଉତ୍ତମ ଆଚରଣ ପ୍ରଦର୍ଶନ କର'

ପୁରୀ,୭।୧(ସମିସ): ଏସ୍‌ପି ପ୍ରତୀକ୍ ସିଂଙ୍କ ଅଧ୍ୟକ୍ଷତାରେ ପୁରୀ ପୁଲିସ ପକ୍ଷରୁ ୨୦୨୬ ବର୍ଷର ପ୍ରଥମ ଅପରାଧ ସମୀକ୍ଷା ବୈଠକ ବୁଧବାର ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଏସ୍‌ପି ଅନଖା ବିଜୟ, ସୁଶୀଳ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ ଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ସମେତ ସମସ୍ତ ସବ୍ ଡିଭିଜନ୍‌ର ଅଧିକାରୀ, ଥାନାଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ପୁରୀ ଜିଲ୍ଲାର ସାମଗ୍ରିକ ଆଇନ ଶୃଙ୍ଖଳା ପରିସ୍ଥିତି, ଅପରାଧ ଉପରେ ରୋକ୍ ଲଗାଇବା, ମାମଲାର ତ୍ୱରିତ ତଦନ୍ତ, ଅପରାଧ ଚିହ୍ନଟ ଓ ଦୋଷୀ ଧରା ପ୍ରକ୍ରିୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏସ୍‌ପି ଶ୍ରୀ ସିଂ ୨୦୨୬ ବର୍ଷ ପାଇଁ ପୁରୀ ପୁଲିସର ସ୍ପଷ୍ଟ ଦୃଷ୍ଟିକୋଣ ଓ କାର୍ଯ୍ୟ ଯୋଜନା ଉପସ୍ଥାପନ କରିଥିଲେ। ସମସ୍ତ ପୁଲିସ



ଅଧିକାରୀଙ୍କୁ ସାଧାରଣ ଲୋକଙ୍କ ସହିତ ସମ୍ବେଦନଶୀଳ ଓ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଭରସା ଓ ସହଯୋଗ ବଢ଼ାଇବାକୁ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏଥିସହ ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ଡିଜିଟାଲ ତଦନ୍ତ ପଦ୍ଧତି, ସିସିଟିଭି ନେଟୱାର୍କ, ସାଇବର ଟୁଲ୍ସ ଓ ଡାଟା ଆଧାରିତ ପୁଲିସିଂ ଉପରେ ଆଗାମୀ ଦିନରେ ଅଧିକ ଗୁରୁତ୍ୱ ଦିଆଯିବ। ଅପରାଧ ଘଟିବା ପୂର୍ବରୁ ତାହାକୁ ରୋକିବା ପାଇଁ ପ୍ରୋଆକ୍ଟିଭ୍ ପୋଲିସିଂ ଅତ୍ୟନ୍ତ ଆବଶ୍ୟକ ବୋଲି ଏସ୍‌ପି କହିଥିଲେ।

ଏହି ସମୀକ୍ଷା ବୈଠକରେ କମ୍ୟୁନିଟି ପୋଲିସିଂକୁ ଆହୁରି ବଢାଇବା, ସ୍ଥାନୀୟ ଲୋକଙ୍କ ସହିତ ସମନ୍ୱୟ, ଯୁବକ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସାମାଜିକ ପ୍ରତିଷ୍ଠାନଙ୍କ ସହଯୋଗରେ ଅପରାଧ ନିୟନ୍ତ୍ରଣ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏସ୍‌ପି ଶ୍ରୀ ସିଂ ଥାନାସ୍ତରରେ କାର୍ଯ୍ୟରତ ପୁଲିସ କର୍ମଚାରୀଙ୍କ କଲ୍ୟାଣ, ସୁବିଧା, ମନୋବଳ ବୃଦ୍ଧି ଓ କାର୍ଯ୍ୟ ପରିବେଶ ଉନ୍ନତ କରିବା ଉପରେ ବିଶେଷ ଜୋର୍ ଦେଇଥିଲେ। ଅପରାଧ ମାମଲାର ତ୍ୱରିତ ତଦନ୍ତ, ଗୁଣାତ୍ମକ ଚାର୍ଜଶିଟ୍ ଦାଖଲ, ଦୋଷୀଙ୍କୁ ଶୀଘ୍ର ଚିହ୍ନଟ ଓ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ■ ଗୋଚର ଜମି ଜବରଦଖଲ ମାମଲାରେ ପୂର୍ଣ୍ଣଚ୍ଛେଦ

## ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରାଯାଉଥିବା ଜଣାଇଲେ ସରକାର

ପୁରୀ,୭ ।୧(ସମିସ): ପୁରୀ ଜିଲ୍ଲାରେ ଏକ ଗୋଚର ଜମି ଜବରଦଖଲ ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଡକ୍ଟର ଲକ୍ଷ୍ମୀଧର ବିଶ୍ୱାଳଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସରକାରୀ ଜମି ଜବରଦଖଲକାରୀଙ୍କ ପ୍ରସଂଗରେ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି। ସରକାରୀ ଜମି ଜବରଦଖଲ ସୂଚନା ମିଳିଲେ ତୁରନ୍ତ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉଛି। ଜବରଦଖଲକାରୀଙ୍କ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ ନୀତିଗତ ନିଷ୍ପତ୍ତି ବୋଲି ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ପୁରୀ ଜିଲ୍ଲା ଅନ୍ତର୍ଗତ ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଗୋଚର ଜମି ଜବଦରଖଲ କରି ଚାଲିଥିବା ବେଆଇନ ନିର୍ମାଣ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାମଲାରୁ ପ୍ରକାଶ ଯେ ଗୋଚର ଭାବେ ରେକର୍ଡଭୁକ୍ତ ଜମିକୁ ଜବରଦଖଲ କରି କେତେକ ବ୍ୟକ୍ତି ଏହା ଉପରେ ବେଆଇନ ନିର୍ମାଣ କରୁଥିବା ଅଭିଯୋଗ ନେଇ ଏହି ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ଗୋଚର ଜମିକୁ ଜବରଦଖଲ ମୁକ୍ତ କରିବାକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା।

## ସ୍ୱର୍ଗଦ୍ୱାରରେ ମହିଳା ସାମ୍ବାଦିକଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୭।୧(ସମିସ): ପୁରୀ ସ୍ୱର୍ଗଦ୍ୱାରରେ ନ୍ୟୁଜ୭ ର ବରିଷ୍ଠ ସାମ୍ବାଦିକା ଶିଲା ପଟ୍ଟନାୟକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶୋକାକୁଳ ପରିବେଶ ମଧ୍ୟରେ ପୁଅ ବିଘ୍ନେଶ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ସ୍ୱର୍ଗଦ୍ୱାରରେ ସମ୍ପର୍କୀୟ, ନ୍ୟୁଜ-୭ର ସମ୍ପାଦକ ଦେବ ନାରାୟଣ ସେଠୀ, ପୁରୀ ନ୍ୟୁଜ-୭ ର ବ୍ୟୁରୋ ଚିଫ ଚିତ୍ତରଞ୍ଜନ ମହାନ୍ତି, ଚନ୍ଦ୍ରଶେଖର ପାତ୍ର, ନିରଞ୍ଜନ ସାହୁ, ଅବିନାଶ ଦାସ, ଲକ୍ଷ୍ମୀଧର ମହାପାତ୍ର, ରବୀନ୍ଦ୍ର ସାମଲ, ମଧୁସୁଦନ ମିଶ୍ର, ରାଜଶ୍ରୀ ସାହୁ, ପ୍ରତୀକ ଆଦିତ୍ୟ, ସୁଦର୍ଶନ ବାରିକ, ରିତିକ ବିଶ୍ୱାଳଙ୍କ ସହିତ ଅନ୍ୟାନ୍ୟ ସହଯୋଗୀ ଉପସ୍ଥିତ ଥିଲେ।

## ଶିଶିର ସରସ ମେଳା ଉପଲକ୍ଷେ ଗୁଡ଼ି ଉଡ଼ା ପ୍ରତିଯୋଗିତା

ପୁରୀ,୭।୧(ସମିସ): ଶିଶିର ସରସ୍ ୨୦୨୬ ମେଳାର ଆୟୋଜନର ପ୍ରଚାର ପ୍ରସାର ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୧୦ରୁ ୧୮ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡିଆରେ ଏହି ମେଳା ଅନୁଷ୍ଠିତ ହେବ। ଏଥିପାଇଁ ଓର୍‌ମାସ ପକ୍ଷରୁ ଚଳିତ ମାସ ୭ ଓ ୮ ତାରିଖ ପୁରୀ ଲାଇଟହାଉସ୍ ନିକଟ ସମୁଦ୍ର ବେଳାଭୂମିରେ ଆକାଶପତଙ୍ଗ ବା ଗୁଡି ଶୋ ଆୟୋଜିତ ହେଉଛି। ଏହି ଆକାଶପତଙ୍ଗ ଶୋ ହେଉଛି ଶିଶିର ସାରସ୍ ମେଳାର ପ୍ରଚାର ପ୍ରସାର ପାଇଁ ଏକ ପ୍ରୟାସ। ବୁଧବାର କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଓର୍‌ମାସର ଡେପୁଟି ସିଇଓ ନିଗମ ଦାସ ପ୍ରମୁଖ ଯୋଗଦେଇଥିଲେ। ସିସିର ସାରସ୍ ହେଉଛି ଏମିତି ଏକ କାର୍ଯ୍ୟକ୍ରମ ଯେଉଁଠାରେ ୨୦ଟି ରାଜ୍ୟ ଏବଂ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାର ଶିଳ୍ପୀମାନେ ୩୭୫ଟି ଷ୍ଟଲ୍‌ରେ ତାଙ୍କର ସର୍ବୋତ୍ତମ କଳା/ପଦାର୍ଥ ପ୍ରଦର୍ଶନ କରିବେ। ଏହା "ଭୋକାଲ୍ ଟୁ ଲୋକାଲ୍' ଭାବନାକୁ ଉତ୍ସାହିତ କରିବ ଓ "ଆତ୍ମନିର୍ଭର ଓଡ଼ିଶା' ଗଠନ ଦିଗରେ ଏକ ଶକ୍ତିଶାଳୀ ପଦକ୍ଷେପ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପୃଷ୍ଟି ସୂଚନା ଦେଇଥିଲେ। ରାଘୁରାଜପୁର ଚିତ୍ରକଳା, ଗୋପ ବ୍ଲକର ଦେଶୀ ଗାଈ ଘିଅ, ସତ୍ୟବାଦୀ ର ନଡ଼ିଆ ତେଲ, ନିମାପଡ଼ାର ପାମ୍ପଡ଼, ମିଠା ଓ କନଫେକ୍ସନେରୀ, ଚିଲିକାର ବିଶେଷ ସି ଖାଦ୍ୟ ଭଳି ଆମ ଜିଲ୍ଲାର ଶ୍ରେଷ୍ଠ ଉତ୍ପାଦକ ଗୋଷ୍ଠୀଙ୍କ ଉତ୍ପାଦ ସିସିର ସାରସ୍ ମେଳାରେ ପ୍ରଦର୍ଶିତ ହେବ। ପୁରୀକୁ ଆସୁଥିବା ସମସ୍ତ ପର୍ଯ୍ୟଟକ ନିଶ୍ଚିତ ଭାବେ ଶିଶିର ସାରସ୍ ଭୁବନେଶ୍ୱରକୁ ପରିଦର୍ଶନ କରିବେ। ଏହା କଳା, କୌଶଳ ଓ ସଂସ୍କୃତିର ଏକ ସଙ୍ଗମସ୍ଥଳ ଏବଂ ଏକ ମିନି ଭାରତର ପ୍ରତିନିଧିତ୍ୱ ବୋଲି ଶ୍ରୀ ପୃଷ୍ଟି ଅନୁରୋଧ କରିଛନ୍ତି।



ପୁରୀ ସମୁଦ୍ର ବେଳାଭୂମିରେ ଅପରାହ୍ଣ ସମୟରେ ଗୁଡ଼ି ଉଡ଼ାର ଦୃଶ୍ୟ

ଫଟୋ- ଅନୀଲ

## ଦୁଇ ଦିନ ମଧ୍ୟରେ ଅନୁମତି ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

### ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆୟୋଜନ ପ୍ରସଙ୍ଗ

କଟକ,୭।୧(ସମିସ): ନୟାଗଡ଼ ଜିଲ୍ଲା ଭାପୁରର ପ୍ରସିଦ୍ଧ 'ଭାପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା' ଆୟୋଜନକୁ ନେଇ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ହାଇକୋର୍ଟଙ୍କ ହସ୍ତକ୍ଷେପ ଏବଂ ଜିଲ୍ଲା ପ୍ରଶାସନ ଓ ଆୟୋଜକ କମିଟି ମଧ୍ୟରେ ସହମତି ପରେ ଏହି ମହୋତ୍ସବ ପାଇଁ ଅନୁମତି ମିଳିଛି। ଆସନ୍ତା ଦୁଇ ଦିନ ମଧ୍ୟରେ ଜାନୁଆରୀ ୧୨ରୁ ୧୫ ପର୍ଯ୍ୟନ୍ତ ଏହି ମେଳା ପାଇଁ ଆବଶ୍ୟକ ଅନୁମତି ପ୍ରଦାନ ପାଇଁ ନୟାଗଡ଼ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୋ ମାଟି ଭାଣପୁର ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନୟାଗଡ଼ ଜିଲ୍ଲାପାଳ ଭର୍ଚୁଆଲରେ ଉପସ୍ଥିତ ରହି ଆବେଦନକାରୀ ସଂସ୍ଥା ନିର୍ଦ୍ଧାରିତ ସର୍ତ୍ତ ପାଳନ କରି ଶାନ୍ତିପୂର୍ଣ୍ଣ ଭାବେ ଏହି ମେଳା ଆୟୋଜନ କରିଲେ କିଛି ଆପତ୍ତି ନଥିବା ଅଦାଲତଙ୍କୁ ଅବଗତ କରିଥିଲେ। ସୂଚନାଯୋଗ୍ୟ ଯେ ନୟାଗଡ଼ ଉପଜିଲ୍ଲାପାଳ ଗତ ୧୫.୧୨.୨୦୨୫ରେ ଏକ ଆଦେଶନାମା ଜରିଆରେ ଏହି ମହୋତ୍ସବ ଆୟୋଜନ ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ। ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଆୟୋଜକ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ ଏହି ମେଳା ଜାନୁଆରୀ ୧୦ରୁ ୧୩ ପର୍ଯ୍ୟନ୍ତ ଭାପୁର ସ୍ଥିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଖେଳପଡ଼ିଆରେ ଅନୁଷ୍ଠିତ ହେବାର ଥିଲା, କିନ୍ତୁ ଏବେ ଏହା ଜାନୁଆରୀ ୧୨, ୨୦୨୬ରୁ ଜାନୁଆରୀ ୧୫, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମ ପାଳନ କରିବାକୁ ଆୟୋଜକମାନେ ସମ୍ମତି ପ୍ରକାଶ କରିବା ପରେ ପୂର୍ବ ନିଷେଧାଦେଶ ପ୍ରତ୍ୟାହାର କରି ଅନୁମତି ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ଅଦାଲତ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ପି.କେ.ରଥ ମାମଲା ପରିଚାଳନା କରୁଥିଲେ।

## ୧୨ ଇନ୍ସପେକ୍ଟରଙ୍କ ବଦଳି

ପୁରୀ,୭।୧(ସମିସ): ପୁରୀ ଜିଲ୍ଲାର ୧୨ ଜଣ ଇନ୍ସପେକ୍ଟରଙ୍କର ବଦଳି କରାଯାଇଛି। ବଳିଆପଣ୍ଡା ଥାନାଧିକାରୀ ସଙ୍ଗୀତା ଦାଶଙ୍କୁ ଟ୍ରାଫିକ ଥାନା, ମୁଖ୍ୟାଳୟରେ ଥିବା ସୁନୀଲ ଯାଦବଙ୍କୁ ବଳିଆପଣ୍ଡା ଥାନା, ବାସେଳିସାହି ଥାନାଧିକାରୀ ବିକ୍ରମ କେଶରୀ ଜେନାଙ୍କୁ ପେଣ୍ଟକଟା ମେରାଇନ ଥାନା, ମୁଖ୍ୟାଳୟରେ ଥିବା ଅବିନାଶ ରାଉତଙ୍କୁ ବାସେଳିସାହି ଥାନା, ବ୍ରହ୍ମଗିରି ଥାନାରେ ଅସ୍ଥାୟୀ ଭାବେ ଥିବା ବାମଦେବ ସ୍ୱାଇଁଙ୍କୁ ବ୍ରହ୍ମଗିରି ଥାନା, ମୁଖ୍ୟାଳୟରେ ଥିବା ସସ୍ମିତା ଧଳଙ୍କୁ ଆଇପିସିଆର୍, ଆଇପିସିଆର୍‌ରେ ଥିବା ସୁରେଶ ଚନ୍ଦ୍ର ପୃଷ୍ଟିଙ୍କୁ ମୁଖ୍ୟାଳୟକୁ, ମୁଖ୍ୟାଳୟରେ ଥିବା ସୌମ୍ୟରଞ୍ଜ ମହାଲିକଙ୍କୁ ସତ୍ୟବାଦୀ ଥାନା, ସତ୍ୟବାଦୀ ଥାନାର ବିଜୟ କେତନ ବେହେରାଙ୍କୁ କୁମ୍ଭାରପଡ଼ା ଥାନା, ମୁଖ୍ୟାଳୟରେ ଥିବା ଅବିନାଶ ମିଶ୍ରଙ୍କୁ ତାଳବଣିଆ ଥାନା, ତାଳବଣିଆ ଥାନାରେ ଥିବା ଗୀତାଞ୍ଜଳି ନାୟକଙ୍କୁ ସାଇବର ଥାନା, ମୁଖ୍ୟାଳୟରେ ଥିବା ଶୁଭେନ୍ଦୁ ଭୂଷଣ ମହାନ୍ତିଙ୍କୁ କଣାସ ଥାନାକୁ ବଦଳି କରାଯାଇଛି।

## ୯ରୁ ତିନିଦିନିଆ 'ଆରମ୍ଭ ମହୋତ୍ସବ'

ପୁରୀ,୭।୧(ସମିସ): ଆସନ୍ତା ୯ରୁ ୧୧ ତାରିଖ ତିନିଦିନ ଧରି ଟାଉନ ହଲ୍‌ରେ ଅନୁଷ୍ଠିତ ହେବ 'ଆରମ୍ଭ ମହୋତ୍ସବ'। ପୁରୀ ସଦରର ୩୦ ପଞ୍ଚାୟତ ଏବଂ ପୌରସଂସ୍ଥାର ୩୨ଟି ୱାର୍ଡରେ ଏକହଜାର ମହିଳାଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରୁ ଜଣଙ୍କୁ 'ଶ୍ରୀକ୍ଷେତ୍ର ଲକ୍ଷ୍ମୀ' ମୁକୁଟ ପ୍ରଦାନ କରାଯିବ। ଏହି ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆକର୍ଷଣ ସାଜିବେ ବର୍ଣ୍ଣାଳି ହୋତା। ଏଥିସହ ପୂଜ୍ୟପୂଜା ସ୍ୱରୂପ ୭ ଜଣଙ୍କୁ 'ଆରମ୍ଭ ସମ୍ମାନ' ପ୍ରଦାନ କରାଯିବ ବୋଲି ବୁଧବାର ଆରମ୍ଭ ୟୁଥ୍ କଲ୍‌ଚରାଲ ଫାଉଣ୍ଡେଶନ ପକ୍ଷରୁ ଫେଟ୍ ଫାଇଟର ମାଲଖମ୍ବ ଗ୍ରୁପ୍ ହଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମାହାରୀ, ଓଡିଶୀ, ସମ୍ବଲପୁରୀ ନୃତ୍ୟ, ମେଢ ନୃତ୍ୟ, ଫ୍ୟୁଜନ ନୃତ୍ୟ, ଶ୍ରୀକୃଷ୍ଣ ରାସଲୀଳା, ରଙ୍ଗବତୀ କାହାଣୀ, ଲୋକନୃତ୍ୟ ପ୍ରଦର୍ଶିତ ହେବ। ଉଦ୍‌ଯାପନୀରେ ବର୍ଣ୍ଣାଳି ହୋତା ଲୋକ ସଙ୍ଗୀତରେ ଶ୍ରୋତା ଓ ଦର୍ଶକଙ୍କ ମନୋରଞ୍ଜନ କରିବେ। ଏହି ଅବସରରେ ସହିଦ ହୋଇଥିବା ଶ୍ୟାମସୁନ୍ଦର କରଙ୍କୁ ଆରମ୍ଭ ସହିଦ ସମ୍ମାନ, ଡ. ସିଦ୍ଧେଶ୍ୱର ମହାପାତ୍ର, ଉର୍ମିଳା ପ୍ରଧାନ ଓ ରୁପଶ୍ରୀ ମହାପାତ୍ରଙ୍କୁ ସଂସ୍କୃତି ସମ୍ମାନ, ପବିତ୍ର ମହାରଣା, ନିହାରିକା ତ୍ରିପାଠୀ ଓ ପଦ୍ମନାଭ ତ୍ରିପାଠୀଙ୍କୁ ସମାଜସେବୀ ସମ୍ମାନରେ ସମ୍ମାନିତ କରାଯିବ। ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ, ଉପଦେଷ୍ଟା ଭରତ ନାୟକ, ଶୁଚିସ୍ମିତା ଜଗଦ୍ଦେବ, ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ସାଧାରଣ ସମ୍ପାଦକ ଦେବାଶିଷ ସିଂହ, ଉପସଭାପତି ସମୀର କୁମାର ଶତପଥୀ, ଯୁଧିଷ୍ଠିର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

### ■ ଦାଦାବଟି ପାଇଁ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

## ଅଭିଯୁକ୍ତକୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ

ପୁରୀ,୭।୧(ସମିସ): ଏକ ଦାଦାବଟି ମାମଲାର ଶୁଣାଣୀ କରି ସିଜିଏମ୍ ଶୁଶାନ୍ତ କୁମାର ମିଶ୍ର ଅଭିଯୁକ୍ତ ଖାକିମଠ ନୂଆସାହି, ବାଲିଉପରର ସୁକାନ୍ତ ବାରିକଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏଥିସହ ଜରିମାନା ଅନାଦେୟ ତାଙ୍କୁ ଅଧିକ ୧ ମାସ ଦଣ୍ଡ ଓ ୩୨୬ ଦଫାରେ ୫ ବର୍ଷ ଜେଲ୍‌ଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି।

ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ସିଜିଏମ୍ ତାଙ୍କ ରାୟରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି।୨୦୧୧ ମସିହାରେ ଅଭିଯୁକ୍ତ ସୁକାନ୍ତ ତା'ର ଜଣେ ସହଯୋଗୀଙ୍କ ସହ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ଏକ ଜଳଖିଆ ଦୋକାନୀଙ୍କୁ ୫ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ଏଥିରେ ଅରାଜି ହେବାରୁ ସୁକାନ୍ତ ଓ ତା' ସହଯୋଗୀ ଜଳଖିଆ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୋଡକୁ ଖଣ୍ଡାରେ ହାଣି ଫେରାର୍ ହୋଇଯାଇଥିଲେ। ଦୋକାନୀର ଭାଇ ଲିଙ୍କୁ ପରିଡ଼ାଙ୍କ ଏତଲାକ୍ରମେ କୁମ୍ଭାରପଡ଼ା ଥାନା ପୁଲିସ ଭାରତୀୟ ଦଣ୍ଡବିଧି ଆଇନର ୩୨୬, ୩୮୪, ୩୦୭ ଓ ୩୪ ଧାରାରେ ମାମଲା ରୁଜୁ କରିଥିଲା। ପୁଲିସ ସୁକାନ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ବିଚାର କରି ସିଜେଏମ୍ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣ କରି ୩୮୫ ଧାରାରେ ଅଭିଯୁକ୍ତ ସୁକାନ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଦିଲୀପ କୁମାର ରଥ ଏହି ମାମଲା ପରିଚାଳନା କରୁଥିଲେ।

### ବିଦ୍ୟୁତ୍ କର୍ମଚାରୀ ସଂଘ ଅଧିବେଶନ ଓ ପ୍ରତିନିଧି ସମ୍ମିଳନୀ

# ୧୫ ଦଫା ଦାବି ପ୍ରସ୍ତାବ ଗୃହୀତ

ପୁରୀ,୭।୧(ସମିସ): ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ନାମରେ ଦୀର୍ଘବର୍ଷ ଧରି ଅରାଜକତା, ଶୋଷଣ ଓ ଲୁଣ୍ଠନ ଚାଲିଛି। ଏବେ ରାଜ୍ୟ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ବିସ୍ତାରବାଦୀ ଟାଟା ପାୱାର ହାତରେ ଟେକି ଦେଇ ସରକାର ଆତ୍ମବିଭୋର ହେଉଛନ୍ତି ବୋଲି ଟ୍ରେଡ ୟୁନିୟନ ନେତାମାନେ ମତପୋଷଣ କରିଛନ୍ତି। ବୁଧବାର ଅଠରନଳାସ୍ଥିତ ରୟାଲ ମଣ୍ଡପ ପରିସରରେ ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘର ୫୩ତମ ବାର୍ଷିକ ଅଧିବେଶନ ଓ ପ୍ରତିନିଧି ସମ୍ମିଳନୀ ଅବସରରେ ଅନୁଷ୍ଠିତ "ଆମ ଶକ୍ତି ସେବା-ଶ୍ରମିକ କର୍ମଚାରୀ ଓ ଉପଭୋକ୍ତାଙ୍କ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ରରେ ଏହି ମତପ୍ରକାଶ ପାଇଛି। ସଂଘ ସଭାପତି ରମେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ ସମ୍ପାଦକ ତଥା ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନର ଅଧ୍ୟକ୍ଷ



ରାମକୃଷ୍ଣ ପଣ୍ଡା ମୁଖ୍ୟଅତିଥି, ବିଶିଷ୍ଟ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା ମୁଖ୍ୟବକ୍ତା, ରାଜ୍ୟ ଫେଡେରେସନର ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ, ଉପାଧ୍ୟକ୍ଷ ଭ୍ରମରବର ରାଉତ, ଶମ୍ଭୁ ପ୍ରସାଦ ମହାପାତ୍ର, ମଜ୍‌ଦୁର ସଂଘର ସଭାପତି କୃଷ୍ଣ ପଟ୍ଟନାୟକ, ଏଆଇଟିୟୁସିର ପୁରୀ ଜିଲ୍ଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ।

ଏଥିରେ ସଂଘ ପକ୍ଷରୁ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଓ ଉପଭୋକ୍ତାଙ୍କ ଅଧିକାର ସମ୍ବନ୍ଧିତ ୧୫ ଦଫା ଦାବି ପ୍ରସ୍ତାବ ଗୃହୀତ ହୋଇଥିଲା। ୨୦୦୫ ମସିହାରୁ ବନ୍ଦ ହୋଇଥିବା ପୁରୁଣା ପେନ୍‌ସନକୁ ଲାଗୁ କରାଯିବା, ମୃତ ଶ୍ରମିକ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ ସରକାର ସମାନ ନୀତିରେ ଥଇଥାନ ପୂର୍ବକ ସ୍ଥାୟୀ ନିଯୁକ୍ତି, ଉଚିତ ୟାର୍ଡ଼ଷ୍ଟିକ ପ୍ରଚଳନ ଓ ତଦନୁଯାୟୀ ନିଯୁକ୍ତି ଏବଂ ପଦୋନ୍ନତି, ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରୁ ଅନିୟମିତ କେବୁଲ ସଂଯୋଗ ଅପସାରଣ, ପ୍ରତି ସେକ୍ସନରେ ଡ୍ୟୁଟି ଚାର୍ଟ ଲଗାଯିବ ଏବଂ କାର୍ଯ୍ୟର ସମୟ ନିର୍ଘଣ୍ଟ ସୁନିଶ୍ଚିତ କରିବା, ୧୧କେଭି ଫିଡ଼ର ଗୁଡିକରେ ଏ-ବି ସ୍ୱିଚ ସ୍ଥାପନ ବ୍ୟବସ୍ଥା ସହିତ କ୍ଷେତ୍ରୀୟ ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସୁରକ୍ଷା ସାମଗ୍ରୀ ଆଦି ୧୫ ଦଫା ଦାବି ନେଇ ବିଭାଗୀୟ ଅଧିକାରୀ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ପୁରୀ ଡିଭିଜନ ସମ୍ପାଦକ ଜୟକୃଷ୍ଣ ମଲ୍ଲିକ ସ୍ୱାଗତ ଭାଷଣ ସହିତ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସଂଘର ସାଧାରଣ ସମ୍ପାଦକ ରାଜକିଶୋର ପଟ୍ଟନାୟକ। ନିମାପଡା ଡିଭିଜନ ସମ୍ପାଦକ ରାଧାଶ୍ୟାମ ମିଶ୍ର ସମ୍ପାଦକଙ୍କ ବିବରଣୀ ଉପରେ ଆଲୋଚନା କରି ବିଦ୍ୟୁତ୍ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା ଦିଗରେ ସରକାର ସ୍ଥାୟୀ ପଦକ୍ଷେପ ନେବାକୁ ଦାବି କରିଥିଲେ। ଅଧିବେଶନ ପ୍ରାରମ୍ଭରେ ସଂଘର ପ୍ରାକ୍ତନ ସଭାପତି କୈଳାସ ରାୟଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସଙ୍ଗଠନ ସମ୍ପାଦକ ସତ୍ୟ ନାରାୟଣ ପ୍ରଧାନ। ପ୍ରତ୍ୟୁଷରେ ସଂଘ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ସହ ମହାପୁରୁଷ ଭୁବନାନନ୍ଦ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ ସହିତ ସହିଦ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

୨୦୨୬ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ପରେ ଦାୟିତ୍ୱ ଗ୍ରହଣ କରିଥିଲେ। ସଂଘ କର୍ମକର୍ତ୍ତା ସୋମନାଥ ଦାସ, ଲିଙ୍ଗରାଜ ବେହେରା, ଯୋଗେନ୍ଦ୍ର ମହାପାତ୍ର, ଗଣେଶ ବେହେରା, ଶୁଭ୍ର କେତନ ବରାଳ, ଅକ୍ଷୟ ମହାରଣା, ବି. ଜଗଦୀଶ ପଟ୍ଟନାୟକ, ବିଜୟ ସ୍ୱାଇଁ, କୃପାସିନ୍ଧୁ ଓଝା, ପାର୍ଥ ସାରଥୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ମିଳନୀରେ ପୁରୀ, ନିମାପଡା, ବ୍ରହ୍ମଗିରି, ପିପିଲି, କଣାସ, ଡେଲାଙ୍ଗ, ଗୋପ, କୋଣାର୍କ, କାକଟପୁର ଆଦି ଅଞ୍ଚଳରୁ ଶତାଧିକ ବିଦ୍ୟୁତ୍ ଶ୍ରମିକ ଓ କର୍ମଚାରୀ ପ୍ରତିନିଧି ଯୋଗଦେଇଥିଲେ।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/21 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | ସର୍ବାଧିକ ବୟସ (31.12.2025 କଟ୍ ଅଫ୍) |
|---|---|---|
| ମୁଖ୍ୟ ଆର୍ଥିକ ଅଧିକାରୀ | 1 | 57 ବର୍ଷ |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 05.01.2026 ରୁ 27.01.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 05.01.2026

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

